بسم الله الرحمن الرحيم

**୧୭ ସେପ୍ଟେମ୍ବର ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

ହଜରତ ମୁହମ୍ମଦ [ସ.ଅ]ଙ୍କର ସର୍ବୋଚ୍ଚସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ଓ ଶ୍ରେଷ୍ଠ ଫାରୁକ୍ (ପୃଥକକାରୀ) ହଜରତ ଉମର ବିନ୍ ଖତାବ୍ [ର.ଅ]ଙ୍କ ଉତ୍ତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଉମର [ର.ଅ]ଙ୍କ ଖିଲାଫତ୍ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ସେହିକ୍ରମରେ ଆଜି ମୁଁ ୟର୍ମୁକ ଯୁଦ୍ଧର ଚର୍ଚ୍ଚା କରିବି । ୟର୍ମୁକ ଯୁଦ୍ଧ ୧୫ ହିଜରୀରେ ଘଟିଥିଲା ଅବା ଅନ୍ୟ କେତେକଙ୍କ ମତରେ ଦମିଶକ୍ ବିଜୟ ପୂର୍ବରୁ ଅର୍ଥାତ ୧୩ ହିଜରୀରେ ଲଢ଼ା ଯାଇଥିଲା । ଆଉ ଏକ ବର୍ଣ୍ଣନାନୁଯାୟୀ ହଜରତ ଉମର [ର.ଅ]ଙ୍କୁ ସର୍ବପ୍ରଥମେ ୟର୍ମୁକ ଯୁଦ୍ଧର ସୁସମାଚାର ମିଳିଥିଲା । ସେତେବେଳେ ହଜରତ ଅବୁବକର [ର.ଅ]ଙ୍କ ନିଧନ ହେବାକୁ ୨୦ଦିନ ବିତି ଯାଇଥିଲା । ଆଉ କେତେକଙ୍କ ମତରେ ଦମିଶକ୍ ବିଜୟର ସୁସମାଚାର ପ୍ରଥମେ ମିଳିଥିଲା ଏବଂ ସାକ୍ଷ୍ୟଗୁଡ଼ିକରୁ ଏହା ହିଁ ଅଧିକ ସଠିକ୍ ମନେ ହେଉଛି । ରୋମୀ ଦମିଶକ୍ ଓ ହିମ୍ସରୁ ପରାଜିତ ହୋଇ ସୀମାବର୍ତ୍ତୀ ସହର ଅନ୍ତାକିୟା ପହଂଚିଲେ । ଯେଉଁସ୍ଥଳେ ହରକଲ୍ ନିଜ ଚତୁରତା ଓ ସମ୍ମାନିତ ଦରବାରୀଙ୍କ ମତାମତ ତଲବ କଲା ଯେ ଆରବବାସୀ ଯେକି ତୁମ ତୁଳନାରେ ଯୁଦ୍ଧ ସରଞ୍ଜାମ ଓ ଯୁଦ୍ଧ ଲଢିବାରେ ଅନଅଭିଜ୍ଞ ହେବା ସତ୍ତ୍ୱେ ତୁମ ଉପରେ କିପରି ବିଜୟ ପ୍ରାପ୍ତ କରିନେଉଛନ୍ତି । ସେତେବେଳେ ସମସ୍ତ ମନ୍ତ୍ରୀ ମଣ୍ଡଳ ଲଜ୍ୟାରେ ମୁଣ୍ଡ ନୁଆଇ ନେଲେ କିନ୍ତୁ ଜଣେ ଅଭିଜ୍ଞ ପ୍ରାପ୍ତବୟସ୍କ ବୃଦ୍ଧ କହିଲେ ଆରବମାନେ ଆମ ଅପେକ୍ଷା ଚରିତ୍ରବାନ । ସେମାନେ ରାତ୍ର ସମୟରେ ପ୍ରଭୁଙ୍କ ଉପାସନା କରୁଛନ୍ତି ଏବଂ ଦିନ ବେଳା ଉପବାସ ରଖୁଛନ୍ତି, କାହା ଉପରେ ଅନ୍ୟାୟ ଅତ୍ୟାଚାର କରୁ ନାହାନ୍ତି । ପରସ୍ପର ସହିତ ସମଭାବାପର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଛନ୍ତି । ଏହା ବିପରୀତ ଆମର ଅବସ୍ଥା ଏହିକି ଯେ ଆମେ ମଦ୍ୟପାନ କରୁଛେ, ଅପକର୍ମରେ ଲିପ୍ତ ରହିଛେ, ନିଜ ପ୍ରତିଜ୍ଞା ରକ୍ଷା କରୁ ନାହେଁ, ଅନ୍ୟମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରୁଛେ । ଯାହା ଫଳରେ ସେମାନେ ପ୍ରତ୍ୟେକ କାର୍ଯ୍ୟ ପୂର୍ଣ୍ଣ ଉତ୍ସାହ ଓ ଆତ୍ମବିଶ୍ୱାସର ସହିତ ସମ୍ପାଦନ କରୁଛନ୍ତି । କିନ୍ତୁ ଆମ କାର୍ଯ୍ୟରେ ସାହସ ଓ ଦାମ୍ଭିକତାର ସ୍ଥାନ ଖାଲି ରହିଛି । କୈଶର ଶିରିୟାରୁ ପଳାୟନ କରିବାର ମନସ୍ଥ କରି ନେଇଥିଲା କିନ୍ତୁ ଖ୍ରୀଷ୍ଟଧର୍ମୀ ଚିତ୍କାରକାରୀ ଦଳଦଳ ହୋଇ ଆସି ତାଙ୍କୁ ନିବେଦନ କଲେ । ଯଦ୍ୱାରା କୈଶର୍'ର ସ୍ୱାଭିମାନ ତାକୁ ଧକ୍କା ଦେଲା ଯଦ୍ୱାରା ସେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି କୁସ୍ତୁନତୁନିୟା, ଆରମାନିୟା ଆଦି ପ୍ରତ୍ୟେକ ସ୍ଥାନରୁ ସେନା ଆଣି ଅନ୍ତାକିୟାରେ ଏକତ୍ରିତ କରିଦେଲା ।

ଯେତେବେଳେ ହଜରତ ଅବୁ ଉବେଦାଃ [ର.ଅ]ଙ୍କୁ ଏହି ବିଶାଳ ସୈନ୍ୟଦଳର ଯୁଦ୍ଧ ପ୍ରସ୍ତୁତି ସମ୍ପର୍କରେ ସୂଚନା ମିଳିଲା ସେତେବେଳେ ଆପଣ ବେଶ ପ୍ରଭାବଶାଳୀ ଅଭିଭାଷଣ ଦେଲେ ଏବଂ ନିଜ ପ୍ରମୁଖ ନେତାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ । ୟଯିଦ୍ ବିନ୍ ଅବୁ ସୁଫୟାନ୍ ରାୟ ଦେଲେ କି ମହିଳା ଓ ପିଲାମାନଙ୍କୁ ସହରରେ ଛାଡ଼ି ଆମେ ସହର ବାହାରେ ସୈନ୍ୟ ସଜ୍ଜା କରିବା । ଏଥିରେ ସରହବିଲ୍ ବିନ୍ ହସନା କହିଲେ ସହରବାସୀ ତ ଖ୍ରୀଷ୍ଟଧର୍ମୀ ଅଟନ୍ତି । ଏତତ୍ ଦ୍ୱାରା ସେମାନେ ବିଦ୍ରୋହ ଆରମ୍ଭ କରି ନଦିଅନ୍ତୁ । ହଜରତ ଅବୁ ଉବେଦାଃ[ର.ଅ] କହିଲେ ଖ୍ରୀଷ୍ଟଧର୍ମୀମାନଙ୍କୁ ସହରରୁ ବହିଷ୍କାର କରିଦେବା । ଏଥିରେ ସରହବିଲ୍ କହିଲେ ଏପରି ତ ପ୍ରତିଜ୍ଞା ଭଙ୍ଗ ହୋଇଯିବ । ସେତେବେଳେ ହଜରତ ଅବୁ ଉବେଦାଃ ସଙ୍ଗେସଙ୍ଗେ ନିଜ ଭୁଲ୍ ହୃଦୟଙ୍ଗମ କରିନେଲେ । ଶେଷରେ ଏହି ନିଷ୍ପତ୍ତି ନିଆଗଲା ଯେ ଆମେ ଦମିଶକ୍ ଚାଲିଯିବା ଯେଉଁସ୍ଥଳେ ହଜରତ ଖାଲିଦ୍[ର.ଅ] ଉପସ୍ଥିତ ଅଛନ୍ତି ଏବଂ ସେଠାରୁ ଆରବ ସୀମା ନିକଟବର୍ତ୍ତୀ । ଏଥିଅନ୍ତେ ହଜରତ ଅବୁ ଉବେଦାଃଙ୍କ ଆଦେଶକ୍ରମେ ସହରବାସୀଙ୍କ ସୁରକ୍ଷା ନିମନ୍ତେ ଆଦାୟ କରାଯାଇଥିବା ଟିକସ ଅଥବା କର ଯାହାକି ଲକ୍ଷାଧିକ ଟଙ୍କା ଥିଲା, ସେମାନଙ୍କୁ ଫେରସ୍ତ କରିଦିଆଗଲା । ଏହାର ଗଭୀର ପ୍ରଭାବ ଖ୍ରୀଷ୍ଟଧର୍ମୀ ଓ ୟହୁଦିମାନଙ୍କ

ଉପରେ ପଡ଼ିଲା । ହଜରତ ଅବୁ ଉବେଦାଃ[ର.ଅ] କେବଳ ହିମସ୍‌ବାସୀଙ୍କ ସହିତ ଏହି ଆଚରଣ ପ୍ରଦର୍ଶନ କରି ନଥିଲେ ବରଂ ସେ ଯେଉଁସବୁ ଜିଲା ବିଜୟ କରି ନେଇଥିଲେ, ପ୍ରତ୍ୟେକ ସ୍ଥାନର ମୁଖିଆକୁ ପତ୍ର ପ୍ରେରଣ କରିଥିଲେ, ଯେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଯେତେ ପରିମାଣରେ ଅର୍ଥ ଆଦାୟ କରିଛ ତାହା ସେମାନଙ୍କୁ ଫେରସ୍ତ କରିଦିଅ । ଆହୁରି ବର୍ଣ୍ଣନା ମିଳୁଛି ଯେ ଏଥିସଂକ୍ରାନ୍ତରେ ହଜରତ ଉମର [ର.ଅ]ଙ୍କ ପରାମର୍ଶ ଲୋଡ଼ା ଯାଇଥିଲା ଏବଂ ହଜରତ ଉମର[ର.ଅ] ନିର୍ଦ୍ଦେଶ ଦେଇଥିଲେ ଯେ ଯଦି ତୁମେ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରିପାରିବ ନାହିଁ ତେବେ ତାଙ୍କ ଠାରୁ ଯେଉଁଭଳି କର/ଟିକସ ଆଦାୟ କରିଛ ସେସବୁ ତାଙ୍କୁ ଫେରସ୍ତ କରିଦିଅ ।

ଯେତେବେଳେ ହଜରତ ଅବୁ ଉବେଦାଃ[ର.ଅ] ହଜରତ ଉମର [ର.ଅ]ଙ୍କୁ ସମସ୍ତ ପରିସ୍ଥିତି ଲେଖି ପ୍ରେରଣ କଲେ । ସେତେବେଳେ ହଜରତ ଉମର ଏହା ଶୁଣି କି ମୁସଲମାନମାନେ ରୋମୀମାନଙ୍କୁ ଭୟ କରି ପଛଘୁଂଚା ଦେଇଛନ୍ତି, ଅତ୍ୟନ୍ତ ମନସ୍ତାପ କଲେ । ପ୍ରତିଉତ୍ତରରେ ଆପଣ ଲେଖିଲେ ମୁଁ ଆପଣମାନଙ୍କ ସହାୟତା ସକାଶେ ସଇଦ୍ ବିନ୍ ଆସ୍‌ଙ୍କୁ ପ୍ରେରଣ କରୁଛି । ହଜରତ ଅବୁ ଉବେଦାଃ ଦମିଶକ୍‌ରେ ପହଂଚିଥିଲେ ଯେ ଉମର ବିନ୍ ଆସ୍‌ଙ୍କ ତରଫରୁ ଅର୍ଦନରେ ବିଦ୍ରୋହ ସୃଷ୍ଟି ହେବାର ସୂଚନା ମିଳିଲା । ବସ୍ତୁତଃ ପରବର୍ତ୍ତୀ ଦିନ ହଜରତ ଅବୁ ଉବେଦାଃ ଅର୍ଦନ ସୀମାବର୍ତ୍ତୀ ଅଂଚଳ ୟର୍ମୁକରେ ପହଂଚିଗଲେ । ସେହି ଅଂଚଳର ପଶ୍ଚାତ ଭାଗରେ ଆରବ ସୀମା ନିକଟବର୍ତ୍ତୀ ଥିଲା ଏବଂ ଉକ୍ତ ସ୍ଥାନଟି ବିସ୍ତିର୍ଣ୍ଣ ଖୋଲା ପଡ଼ିଆ ଥିବା ଯୋଗୁଁ ଯୁଦ୍ଧ କରିବା ଉପଯୋଗୀ ଓ ଆବଶ୍ୟକ ସ୍ଥଳେ ପଛଘୁଂଚା ଦେବା ଅନୁକୂଳ ଥିଲା । ଯେତେବେଳେ ମୁସଲମାନମାନେ ରୋମୀମାନଙ୍କ ଯୁଦ୍ଧ ପ୍ରସ୍ତୁତି ପ୍ରସଙ୍ଗରେ ଖବର ପାଇଲେ ସେତେବେଳେ ସେମାନେ ବିଚଳିତ ହେଲେ । ଏହି ପରିସ୍ଥିତିରେ ହଜରତ ଅବୁ ଉବେଦାଃ ପୁନଃ ହଜରତ ଉମର [ର.ଅ]ଙ୍କ ନିକଟକୁ ପତ୍ର ଲେଖି ପ୍ରେରଣ କଲେ । ହଜରତ ଉମର ସମସ୍ତ ଅନସାର ଓ ପ୍ରବାସକାରୀଙ୍କୁ ଏକତ୍ରିତ କରି ପତ୍ର ଶୁଣାଇଲେ ଏଥିରେ ସମସ୍ତ ସାହାବାମାନେ କାନ୍ଦି ପକାଇଲେ । ସେମାନେ କହିଲେ ହେ ଅମିରୁଲ୍ ମୁମିନିନ୍ ! ଆମକୁ ଅନୁମତି ପ୍ରଦାନ କରନ୍ତୁ ଯେ ଆମେ ନିଜ ଭାଇମାନଙ୍କ ପାଇଁ ନିଜ ପ୍ରାଣର ଆହୁତି ଦେବୁ । ହଜରତ ଅବ୍ଦୁର ରହେମାନ୍ ବିନ୍ ଔଫ୍ ଏହି ପରାମର୍ଶ ଦେଲେ, ଯେ ହଜରତ ଉମର[ର.ଅ] ସେନାଧ୍ୟକ୍ଷ ହୋଇ ସାହାବାମାନଙ୍କ ସାଥିରେ ରଣଭୂମିକୁ ପ୍ରସ୍ଥାନ କରନ୍ତୁ । କିନ୍ତୁ ଅନ୍ୟ ସାହାବାମାନେ ଏହି ପ୍ରସ୍ତାବର ପ୍ରତ୍ୟାଖାନ କଲେ । ଶେଷରେ ଏହି ନିଷ୍ପତ୍ତି ହେଲା ଯେ ସହାୟତା ଦଳ ପ୍ରେରଣ କରିଦିଆଯାଉ । ସେତେବେଳ ସୁଦ୍ଧା ଶତ୍ରୁ ୟର୍ମୁକ ଠାରୁ ମାତ୍ର ୩/୪ ମିଲ୍ ଦୂରରେ ଥିଲା ଏବଂ ମୁସଲମାନମାନଙ୍କୁ ସାହାଯ୍ୟ ପହଂଚିବା ଅସମ୍ଭବ ଥିଲା । ହଜରତ ଉମର[ର.ଅ] ଏକ ଅତି ପ୍ରଭାବଶାଳୀ ଅଭିଭାଷଣ ଲେଖି ପ୍ରେରଣ କଲେ ଏବଂ ସନ୍ଦେଶବାହକଙ୍କୁ କହିଲେ ତୁମେ ନିଜେ ଯାଇ ସେନାର ପ୍ରତି ଧାଡ଼ିରେ ପତ୍ର ପାଠ କରି ଶୁଣାଇବ । ଏକଥା ମଧ୍ୟ କହିବ ଯେ ଉମର ତୁମ ସମସ୍ତଙ୍କୁ ସଲାମ କହିଛନ୍ତି । ସେ କହିଲେ ହେ ମୁସଲମାନ ବୀର ସୈନିକମାନେ ! ନିଃସ୍ୱାର୍ଥପର ଭାବରେ ଶତ୍ରୁର ମୁକାବିଲା କର ଏବଂ ସେମାନଙ୍କ ଉପରେ ସିଂହ ପରି ଝାମ୍ପ ମାର ତଥା ଖଣ୍ଡାରେ ଶତ୍ରୁର ଖପୁରୀ ଉଡ଼ାଇଦିଅ । ସେମାନେ ତୁମମାନଙ୍କ ନିକଟରେ ପିମ୍ପୁଡ଼ି ସଦୃଶ ତୁଚ୍ଛ ଦୃଶ୍ୟମାନ ହେବା ଉଚିତ । ସେମାନଙ୍କ ସଂଖ୍ୟାଧିକତା ତୁମକୁ ଭୟଭୀତ କରି ନଦେଉ । ତୁମମାନଙ୍କୁ ଯେଉଁ ସାହାଯ୍ୟ ଦଳ ଏପର୍ଯ୍ୟନ୍ତ ମିଳି ନାହିଁ ସେଥି ସକାଶେ ତୁମେ ବିଚଳିତ ହୁଅ ନାହିଁ । ଯେଉଁଦିନ ସନ୍ଦେଶବାହକ ରଣକ୍ଷେତ୍ରରେ ପହଂଚିଲେ ଭାଗ୍ୟବଶତଃ ସେହିଦିନ ସଇଦ୍ ବିନ୍ ଆମିର୍ ମଧ୍ୟ ଏକ ହଜାର ସୈନିକ ସହିତ ମିଶିଗଲେ । ଯଦ୍ୱାରା ମୁସଲମାନମାନଙ୍କୁ ବହୁତ ଶକ୍ତି ମିଳିଲା ।

ଉଭୟ ପକ୍ଷ ମୁହାଁମୁହିଁ ହେଲେ । ରୋମୀମାନଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଅଧିକ ଥିଲା, ଯେକି ୨୪ ଗୋଟି ଧାଡ଼ିରେ ଦଣ୍ଡାୟମାନ ରହିଥିଲେ । ସେମାନଙ୍କ ସମ୍ମୁଖରେ ସେମାନଙ୍କ ଧର୍ମଗୁରୁମାନେ ସଲିବ୍ (କ୍ରୁଷ୍ୟ) ଧରି ସେନାକୁ ଉତ୍ତେଜିତ କରୁଥିଲେ । ପ୍ରାରମ୍ଭିକ ସଂଘର୍ଷ ପରେ ପ୍ରଥମ ଦିନ ରୋମୀମାନେ ପରାଜୟ ବରଣ କଲେ । ପରବର୍ତ୍ତୀ ଦିନ ରୋମୀମାନେ ଧନରତ୍ନର ପ୍ରଲୋଭନ ଦେଖାଇ ସନ୍ଧି କରିବା ପାଇଁ ନିଜ ଦୂତ ପ୍ରେରଣ କଲେ । ଯେତେବେଳେ ଦୂତ ମୁସଲମାନଙ୍କ ସିବିରରେ ପହଂଚିଲା ସେତେବେଳେ ସେମାନେ ନମାଜ ମଗରିବ୍ ପାଠ କରୁଥିଲେ । ଉକ୍ତ ଦୂତ ମୁସଲମାନଙ୍କର ନମାଜରେ ମଗ୍ନତା, ଶିଷ୍ଟତା, ଶାଳୀନତା ଦେଖି ଆଚମ୍ଭିତ ଓ ସ୍ତବ୍ଧ ରହିଗଲା । ନମାଜ ପରେ ସେ ହଜରତ ଅବୁ ଉବେଦାଃଙ୍କୁ

କିଛି ପ୍ରଶ୍ନ କଲା ଉଦାହରଣ ସ୍ୱରୂପ ଆପଣମାନେ ଈଶା ମସିହଙ୍କ ପରିପ୍ରେକ୍ଷୀରେ କି ଆସ୍ଥା ରଖୁଛନ୍ତି ? ଏଥି ଉତ୍ତାରୁ ହଜରତ ଅବୁ ଉବେଦାଃ ସୁରେ ଆଲେ ଇମ୍ରାନ'ର ପଂକ୍ତି ସଂଖ୍ୟା ୬୦ ଓ ସୁରେ ନିସା'ର ପଂକ୍ତି ସଂଖ୍ୟା ୧୭୨,୧୭୩ ପାଠ କରି ଶୁଣାଇଲେ । ଯେଉଁଥିରେ ଅଲ୍ଲାଃତାଲା ହଜରତ ଈଶା ମସିହଙ୍କ ଜନ୍ମ ଗ୍ରହଣକୁ ହଜରତ ଆଦମ [ଅ.ସ]ଙ୍କ ସହିତ ସାମଞ୍ଜସ୍ୟ ଦେଇଛନ୍ତି ଏବଂ ଅହେଲେ କିତାବ୍ (ଗ୍ରନ୍ଥଧାରୀଙ୍କୁ) ଉପଦେଶ ପୂର୍ବକ କହିଛନ୍ତି ଯେ ଧର୍ମ ପ୍ରସଙ୍ଗରେ ଅତିଶୟତା ଓ ଅତିନିନ୍ଦତା ଅବଲମ୍ବନ କର ନାହିଁ । ମନେରଖ ଈଶା ମସିହ କଦାପି ଏହି କଥାରେ ମନଉଣା କରିବେ ନାହିଁ ଯେ ସେ ମାତ୍ର ଜଣେ ପ୍ରଭୁଙ୍କ ଭକ୍ତ ରୂପେ ଗ୍ରହଣ (ପରିଗଣିତ) କରାଯାନ୍ତୁ । ଏହି ପଂକ୍ତିମାନ ଶୁଣିବା ପରେ ଉକ୍ତ ଦୂତ ଜଣକ ଏହି କଥା କହିଲେ; ଯେ ହଜରତ ଈଶା ମସିହଙ୍କର ଏହା ହିଁ ପ୍ରକୃତ ପଦମର୍ଯ୍ୟାଦା ଏବଂ ନିଶ୍ଚିତ ରୂପେ ତୁମ ନବୀ ସତ୍ୟବାଦୀ, ସେଥିଅନ୍ତେ ସେ ମୁସଲମାନ ହୋଇଗଲା । ପରବର୍ତ୍ତୀ ଦିନ ହଜରତ ଖାଲିଦ୍ ଦୂତ ହୋଇ ରୋମୀମାନଙ୍କ ନିକଟକୁ ଗଲେ, ରୋମୀମାନେ ନିଜ ଭବ୍ୟତା ଓ ବଡ଼ିମାର ପ୍ରଦର୍ଶନ କରି ତାଙ୍କୁ ଭୟଭୀତ କରିବାକୁ ଚେଷ୍ଟା କଲେ କିନ୍ତୁ ହଜରତ ଖାଲିଦ୍ ତାହାକୁ ହୀନମନେ କରି ସେସବୁରୁ ବୈରାଗ୍ୟ ଭାବ ପ୍ରକାଶ କଲେ । ରୋମୀମାନଙ୍କ ସେନାଧକ୍ଷ ବାହାନ୍ ଆପଣଙ୍କୁ ଧନରତ୍ନର ପ୍ରଲୋଭନ ଦେଲା, ଯାହାକୁ ହଜରତ ଖାଲିଦ୍ ନଗନ୍ୟ ମଣି ରଦ୍ଦ କରିଦେଲେ ।

ସେଥିଅନ୍ତେ ଶେଷରେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇଗଲା । ଯାହା ପରେ ରୋମୀମାନେ ରଣଭୂମିରେ ଆଉ ପାଦ ସମ୍ଭାଳି ପାରିଲେ ନାହିଁ । ପରବର୍ତ୍ତୀ ଦିନ ରୋମୀମାନେ ପୂର୍ଣ୍ଣ ଉତ୍ସାହ ଓ ସମସ୍ତ ଯୁଦ୍ଧ ସରଞ୍ଜାମ ସହିତ ରଣକ୍ଷେତ୍ରରେ ଓହ୍ଲାଇ ପଡ଼ିଲେ । ହଜରତ ଖାଲିଦ୍ ମଧ୍ୟ ଆରବର ଔପଚାରିକ ପ୍ରଥା ଠାରୁ ଭିନ୍ନ ଶୈଳୀରେ ସୈନ୍ୟ ସଜ୍ଜା କଲେ । ସେ ଏପରି ମୁସଲମାନମାନଙ୍କ ମାତ୍ର ୩୦/୩୫ ହଜାର ସୈନିକଙ୍କୁ ୩୬ ଗୋଟି ଦଳରେ ଭାଗ କଲେ ଏବଂ ଅତି ଚତୁରତାର ସହିତ ସେମାନଙ୍କ କ୍ରମସଜ୍ଜା କଲେ । ସେନାକୁ ଉତ୍ସାହିତ ଓ ସେମାନଙ୍କ ମନରେ ନୂତନ ପ୍ରାଣ ସଂଚାର କରି ଉତ୍ତେଜିତ କଲେ । ମୁସଲମାନ ସେନାରେ ଆରବର ବିଭିନ୍ନ ଜାତିର ଲୋକ ସାମିଲ ଥିଲେ । ସେମାନଙ୍କ ମଧ୍ୟରେ ୧୦୦ ଜଣ ବଦରୀ ସାହାବୀ ଓ ୧୦୦୦ ବୟୋଜ୍ୟେଷ୍ଠ ବ୍ୟକ୍ତି ମଧ୍ୟ ଥିଲେ ଯେ ହଜୁର [ସ.ଅ]ଙ୍କ ପବିତ୍ର ମୁଖ ଦର୍ଶନ କରିଥିଲେ । ଏହି ଯୁଦ୍ଧର ଆଉ ଏକ ବିଶେଷତ୍ୱ ଏହିକି ଯେ ଏଥିରେ ମୁସଲମାନ ମହିଳାମାନେ ମଧ୍ୟ ସାମିଲ ଥିଲେ । ଯେ ଅତ୍ୟନ୍ତ ସାହସିକତାର ସହିତ ଲଢିଥିଲେ । ସେମାନଙ୍କ ମଧ୍ୟରେ ଅବୁ ସୁଫୟାନର ପତ୍ନୀ ହିନ୍ଦା ମଧ୍ୟ ଥିଲା ଯେ ଅତି ବୀରତାର ସହିତ ଶତ୍ରୁର ମୁକାବିଲା କରିଥିଲେ ।

ରୋମୀମାନଙ୍କ ଉତ୍ତେଜନା ଏହି ରକମର ଥିଲା ଯେ ୩୦ ହଜାର ସୈନିକ ରଣକ୍ଷେତ୍ରରେ ଯମୀ ରହିବା ପାଇଁ ପରସ୍ପରର ପାଦରେ ବେଡ଼ି ପିନ୍ଧି ବାନ୍ଧି ନେଇଥିଲେ । ସହସ୍ର ପାଦ୍ରି ଓ ବିଶପ୍ ହାତରେ ସଲିବ୍ ଧରି ଈଶା ମସିହଙ୍କ ଜୟ ଜୟର ଶ୍ଲୋଗାନ ଦେଉଥିଲେ । ଦୁଇ ଲକ୍ଷର ପଙ୍ଗପାଳ ଦଳ ଆଗକୁ ବଢିଲା ଏବଂ ଅତ୍ୟନ୍ତ ତୀବ୍ରତାର ସହିତ ଘାତକପୂର୍ଣ୍ଣ ଆକ୍ରମଣ କରିଥିଲା । ମୁସଲମାନମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ରଣକ୍ଷେତ୍ରରେ ଅଟଳ ଓ ଅବିଚଳ ରହିଲେ କିନ୍ତୁ ଶେଷରେ ତାଙ୍କ ଧୈର୍ଯ୍ୟ ରୂପକ ଅଟ୍ଟାଳିକା ଭୁଶୁଡ଼ି ପଡ଼ିଲା । ମହିଳାମାନେ ମୁସଲମାନମାନଙ୍କୁ ପଶ୍ଚାତପଦ ହେବାର ଦେଖି ସେମାନଙ୍କ ସ୍ୱାଭିମାନଙ୍କୁ ଜାଗ୍ରତ କଲେ । ରଣକ୍ଷେତ୍ରର ପରିସ୍ଥିତି ଏପରି ଥିଲା ଯେ ଚତୁର୍ପାର୍ଶ୍ୱରେ ବାହୁଗୁଡ଼ିକ କଟି କଟି ପଡୁଥାଏ । କିନ୍ତୁ ସିପାହିମାନଙ୍କ ପାଦ ରଣକ୍ଷେତ୍ରରେ ଅଟଳ ରହିଥିଲା ।

ହଠାତ୍ ହଜରତ ଖାଲିଦ୍ ସେନାର ଧାଡ଼ି ଚିରି ଆଗକୁ ବଢିଗଲେ ଏବଂ ଏଭଳି ଆତ୍ମଘାତୀ ଆକ୍ରମଣ କଲେ ଯେ ରୋମୀମାନଙ୍କ ଧାଡ଼ି ବିଭାଜିତ ଓ ବିଶୃଙ୍ଖଳିତ ହୋଇଗଲା । ତଥା ସେ ସେମାନଙ୍କ ସେନାଧକ୍ଷ ଦରନଜାର ନିକଟରେ ପହଂଚିଗଲେ । ଅକରମା ବିନ୍ ଅବୁ ଜହଲ୍ ଖ୍ରୀଷ୍ଟଧର୍ମୀମାନଙ୍କୁ ଆହ୍ୱାନ ଦେଲେ ଏବଂ ୪୦୦ ଉତ୍ସର୍ଗୀ ସୈନିକଙ୍କୁ ସାଥିରେ ନେଇ ଶତ୍ରୁର କେନ୍ଦ୍ର ମଧ୍ୟକୁ ଡ଼େଇଁ ପଡ଼ିଲେ ଏବଂ ପାଖାପାଖି ସେସଭିଏଁ ବୀରବର ସେହିସ୍ଥଳେ କଟି ଟଳି ପଡ଼ିଥିଲେ । କିନ୍ତୁ ତାହା ପୂର୍ବରୁ ଶତ୍ରୁର ସହସ୍ର ଲୋକଙ୍କୁ ମୃତ୍ୟୁର ସ୍ୱାଦ ଚଖାଇ ଦେଇଥିଲେ । ଠିକ୍ ସେହି ସମୟରେ ରୋମୀ ସରଦାର ଇବ୍‌ନେ କନାତିର ମେସରାଃ କବିଲା (ଗୋଷ୍ଠୀ) ଉପରେ ଆକ୍ରମଣ କରିଦେଲା । ମେସରାଃ'ରେ ଅଧିକାଂଶ ଲୋକ ଲହମ ଓ ଗସାନ କବିଲାର ଥିଲେ ଯେ ଅନନ୍ତ କାଳରୁ ରୋମୀମାନଙ୍କ କରଦାତା ଥିଲେ । ଏବଂ ଏମିତି ଦେଖିବାକୁ ଗଲେ ରୋମୀମାନଙ୍କ

ଦ୍ୱାରା ଭୟଭୀତ ଥିଲେ । ସେମାନେ ଏହି ଆକ୍ରମଣର ମୁକାବିଲା କରି ପାରିଲେ ନାହିଁ ଏବଂ ପଛଘୁଂଚା ଦେଲେ । ପଛରେ ରହିଥିବା ମୁସଲମାନ ମହିଳାମାନେ ଆଗକୁ ବଢି ଶତ୍ରୁର ମୁକାବିଲା କଲେ ଏବଂ ସେମାନଙ୍କୁ ଆଗକୁ ବଢିବାକୁ ରୋକି ଦେଲେ । ମୁସଲମାନ ସେନାର ଅବସ୍ଥା ଓ ମନୋବଳ ନିମ୍ନଗାମୀ ହୋଇ ଚାଲିଥିଲା ଏବଂ ରୋମୀମାନଙ୍କ ପକ୍ଷ ମଜବୁତ ରହିଥିଲା । କିନ୍ତୁ ମୁସଲମାନ ଅଫିସରମାନଙ୍କ ସେନାକୁ ଉତ୍ସାହିତ କରିବା ବାକି ଥିଲା, ତହିଁ ଅପରପାର୍ଶ୍ୱରୁ ହଠାତ୍ କୈଶ ବିନ୍ ହବିରାଃ ଯେ ମେସରାଃ ଦଳ ପଛରେ ମୁତୟନ ଥିଲେ, ଆକ୍ରମଣ କରିଦେଲେ । ଏହି ଆକ୍ରମଣ ଏଭଳି ସାଂଘାତିକ ଥିଲା ଯେ ରୋମୀମାନେ ତାହାକୁ ସହ୍ୟ କରିପାରିଲେ ନାହିଁ । ପୁନଶ୍ଚ ସଈଦ୍ ବିନ୍ ଜୈଦ୍ ମଧ୍ୟ ଆକ୍ରମଣ କରିଦେଲେ ଯଦ୍ୱାରା ରୋମୀମାନଙ୍କ ଧାଡ଼ି ବିଚ୍ଛୁରିତ ହୋଇଗଲା । ରୋମୀମାନେ ବହୁ ଦୂର ପର୍ଯ୍ୟନ୍ତ ହଟିଗଲେ, ଏପରିକି ରଣଭୂମିର ପ୍ରାନ୍ତରେ ଯେଉଁ ନାଳ ଥିଲା ସେଠାରେ ଯାଇ ପହଂଚିଗଲେ । କିଛି କ୍ଷଣରେ ହିଁ ସେମାନଙ୍କ ଶବ ଦ୍ୱାରା ଉକ୍ତ ନାଳ ପୂର୍ଣ୍ଣ ହୋଇଗଲା ଏବଂ ସମ୍ପୂର୍ଣ୍ଣ ରଣଭୂମିଟି ଜନଶୂନ୍ୟ ହୋଇଗଲା । ବସ୍ତୁତଃ ଅଲ୍ଲାଃତାଲା ଏହି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ମୁସଲମାନମାନଙ୍କୁ ସର୍ବଶ୍ରେଷ୍ଠ ବିଜୟରେ ବିଭୂଷିତ କଲେ । ଏହି ଯୁଦ୍ଧର ଗୋଟିଏ ଘଟଣା ସ୍ମରଣ ରଖିବା ଯୋଗ୍ୟ ଯେ ଯେତେବେଳେ ଘମାଘୋଟ ଯୁଦ୍ଧ ଚାଲିଥିଲା ସେତେବେଳେ ଜଣେ ମୁସଲମାନ ସିପାହି ହବାସ ବିନ୍ କୈଶ ଏଭଳି ବିରତ୍ୱର ସହିତ ଲଢିଥିଲେ ଯେ ତାଙ୍କ ଗୋଡ଼ କଟି ଯାଇ ଥିବାର ମଧ୍ୟ ତାଙ୍କୁ ଅନୁଭବ ହୋଇ ନଥିଲା ।

ଏହି ଯୁଦ୍ଧରେ ରୋମୀମାନଙ୍କର ୭୦ ହଜାର ଅଥବା ଏକ ଲକ୍ଷ ସିପାହି ନିହତ ହୋଇଥିଲେ । ଯେତେବେଳେ କି ମୁସଲମାନମାନଙ୍କ ପକ୍ଷରୁ ୩୦୦୦ ସୈନିକ ଶହିଦ୍ ହୋଇଥିଲେ । ଯେତେବେଳେ କୈଶର'କୁ ଅନ୍ତାକିୟାରେ ପରାଜୟର ଖବର ମିଳିଲା ସେ ସଙ୍ଗେସଙ୍ଗେ କୁସ୍ତୁନ୍ତୁନିୟା ପଳାୟନ କଲା । ଯେତେବେଳେ ହଜରତ ଉମର [ର.ଅ]ଙ୍କୁ ବିଜୟର ସମାଚାର ମିଳିଲା ଆପଣ ସଙ୍ଗେସଙ୍ଗେ ସଜଦାଃରେ ପଡ଼ିଗଲେ ଏବଂ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କଲେ । ହଜରତ ମୁସଲେହ ମଉଦ[ର.ଅ] ମଧ୍ୟ ଏହି ଯୁଦ୍ଧର ବ୍ୟାଖ୍ୟା କରିଛନ୍ତି । ଆପଣଙ୍କର ଇତିହାସ ସମ୍ପର୍କିତ ଜ୍ଞାନ ଅତି ବ୍ୟାପକ ଥିଲା । ଆପଣଙ୍କର ବିଶ୍ୱାସ ଥିଲା ଯେ ହଜରତ ଅବୁ ଉବେଦାଃ[ର.ଅ] ହଜରତ ଉମର [ର.ଅ]ଙ୍କ ପରାମର୍ଶକ୍ରମେ ଖ୍ରୀଷ୍ଟଧର୍ମୀଙ୍କୁ ସେମାନଙ୍କ ଟିକସ ଫେରସ୍ତ କରିଦେଇଥିଲେ ।

ହଜରତ ମୁସଲେହ ମଉଦ[ର.ଅ] ହଜରତ ଅକରମା[ର.ଅ] ଓ ତାଙ୍କ ୧୨ ଜଣ ସାଥିଙ୍କର ଉତ୍ସର୍ଗୀକୃତ ଘଟଣାର ଚର୍ଚ୍ଚା କରି କୁହନ୍ତି; ଯୁଦ୍ଧ ସମାପ୍ତ ହେବା ପରେ ଯେତେବେଳେ ଜଳପାନକାରୀ ତାଙ୍କ ନିକଟରେ ପହଂଚିଲା ସେତେବେଳେ ସେ ଅନ୍ୟଜଣେ କ୍ଷତାକ୍ତ ସୈନିକ ଆଡ଼କୁ ଇଙ୍ଗିତ କରିଥିଲେ ଯେ ମୋ ଅପେକ୍ଷା ସେ ଅଧିକ ଶୋସିଲା ତେଣୁ ତାଙ୍କୁ ପ୍ରଥମେ ଜଳପାନ କରାଅ । ଏପରି ସେ ଯେଉଁ ସୈନିକ ନିକଟକୁ ଯାଉଥିଲେ ସେ ତାଙ୍କୁ ଅନ୍ୟ ଜଣକ ନିକଟକୁ ପଠାଇ ଦେଉଥିଲେ । ନିଜ ଉପରେ ଅନ୍ୟକୁ ପ୍ରାଧାନ୍ୟ ଦେଉଥିଲେ । ଯେତେବେଳେ ସେ ଶେଷ କ୍ଷତାକ୍ତ ନିକଟରେ ପହଂଚିଲେ ସେତେବେଳକୁ ସେ ଶେଷ ନିଶ୍ୱାସ ତ୍ୟାଗ କରି ସାରିଥିଲେ । ପୁନଶ୍ଚ ଯେତେବେଳେ ହଜରତ ଅକରମାଙ୍କ ନିକଟକୁ ଆସିଲେ ସେତେବେଳକୁ ସେ ମଧ୍ୟ ଦେହ ତ୍ୟାଗ କରିସାରିଥିଲେ । ଏପରି ଯାହାଙ୍କ ନିକଟକୁ ଜଳପାନକାରୀ ଯାଇଥିଲେ ସେ ସମସ୍ତେ ଶହିଦ୍ ହୋଇ ଯାଇଥିଲେ । ହଜୁର ଅନୱର[ଅ.ବ] ଖୁତବାର ପରିଶେଷରେ କହିଲେ ଏହି ଚର୍ଚ୍ଚା ଆଗକୁ ଅବ୍ୟାହତ ରହିବ । ଇନଶା ଅଲ୍ଲାଃ

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
17th September 2021